

# ସବୁଜ ସ୍ୱର୍ଣ୍ଣ

## Green Gold

## କୃଷି ବିଜ୍ଞାନ କେନ୍ଦ୍ର, (ଓ.ୟୁ.ଏ.ଟି.) ନୟାଗଡ଼

## KRISHI VIGYAN KENDRA, (O.U.A.T.), NAYAGARH

ଅକ୍ଟୋବର - ଡ଼ିସେମ୍ବର

ସମାଚାର ପତ୍ର-୨୦୨୨









### ଟ୍ରାକ୍ଟର ଚାଳିତ ଆଖୁ ହୁଡ଼ା ଟେକା ଯନ୍ତ୍ରର ସଫଳ କ୍ଷେତ୍ର ଦିବସ

ନୟାଗଡ଼ ଜିଲ୍ଲାର ସରପୋଖରୀ ଗ୍ରାମରେ ୨୦ ଜଣ ଚାଷୀଭାଇମାନଙ୍କୁ ନେଇ ଏକ ସଫଳ କ୍ଷେତ୍ର ଦିବସ ପାଳନ କରାଯାଇଅଛି । ଏହି କ୍ଷେତ୍ର ଦିବସରେ ଏକ ଟ୍ରାକ୍ଟର ଚାଳିତ ଆଖୁ ହୁଡ଼ାଟେକା ଯନ୍ତ୍ରକୁ ବ୍ୟବହାର କରି ଭଲଭାବରେ ଚାଷ ହୋଇଥିବା ଜମିରେ ସିଆର ଏବଂ ହୁଡ଼ା ପ୍ରସ୍ତୁତ କାରାଯାଇପାରେ ଏହି ଯନ୍ତ୍ର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୬୦:୯୦:୧୨୦ ସେ.ମି ବ୍ୟବଧାନ ରଖାଯାଇପାରେ ଯାହାଦ୍ୱାରାକି ଏହା ମଧ୍ୟରେ ଅନ୍ତ ଫସଲ ମଧ୍ୟ କରାଯାଇପାରେ । ଏହି ଯନ୍ତ୍ର ବ୍ୟବହାର କରି ଦେଢଘଣ୍ଟା ମଧରେ ଏକ ଏକର ଜମିରେ ସିଆର ଏବଂ ହୁଡ଼ା ଟେକା କାର୍ଯ୍ୟ ସହଜରେ କମ ଖର୍ଚ୍ଚରେ କରାଯାଇପାରେ । ଏହି କ୍ଷେତ୍ର ଦିବସରେ ଭାଗ ନେଉଥିବା ଚାଷୀମାନେ ଭବିଷ୍ୟତରେ ବ୍ୟବହାର କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯାନ୍ତ୍ରୀକରଣ ବିଭାଗର ବୈଜ୍ଞାନିକ ଇଂ. ସୁଚିସ୍ମିତା ଦ୍ୱିବେଦୀ ସୁଚାରୁରୂପେ ପରିଚାଳନା କରିଥିଲେ ଏବଂ ଏହି କ୍ଷେତ୍ର ଦିବସରେ ଜିଲ୍ଲାର ବ୍ଲକ କୃଷି ଅଧିକାରୀ, ନୟାଗଡ଼ ଶ୍ରୀ ଜାନକୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ. ଅନିଲ କୁମାର ସ୍ୱାଇଁ ଏବଂ କେନ୍ଦ୍ରର ଅନ୍ୟାନ୍ୟ ବୈଜ୍ଞାନିକ ମାନେ ମଧ୍ୟ ଯୋଗଦାନ କରିଥିଲେ ।



### ମାଣ୍ଡିଆ ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମାଣ୍ଡିଆ ଦିବସ ପାଳନ କରାଯାଇଥିଲା । ଉକ୍ତ ଅବସରରେ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା । ଏଥିରେ  ମାଣ୍ଡିଆ ଚାଷର ମହତ୍ୱ ବିଷୟରେ

ଆଲୋଚନା କରିବା ସହିତ ଜିଲ୍ଲାରେ ଥିବା ସମସ୍ତ ଖାଲିପଡ଼ିଆ ବା ସମସ୍ତ ଡିପ ଜମି ଗୁଡ଼ିକର ସଦୁପଯୋଗ କରି ସେହି ଜମିଗୁଡ଼ିକରେ ମାଣ୍ଡିଆ ଚାଷ କରିବା ପାଇଁ ପ୍ରୋତ୍ସାହନ କରାଯାଇଥିଲା । ଏହି ଅବସରରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ କିସମର ମୂଲ୍ୟଯୁକ୍ତ ଦ୍ରବ୍ୟର ଯଥା ମାଣ୍ଡିଆ ଲଡୁ, ମାଣ୍ଡିଆ କୁକିଜ୍‌ର ପ୍ରସ୍ତୁତି ପ୍ରଣାଳୀ ବାବଦରେ ଶିକ୍ଷା ଦିଆଯାଇଥିଲା । ସର୍ବ ଶେଷରେ ଭାଗନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ମାଣ୍ଡିଆ (କିସମ ଅର୍ଜୁନ) ବଣ୍ଟନ କରାଯାଇଥିଲା ।



## ସ୍ୱଚ୍ଛଭାରତ ଅଭିଯାନ

ପରିବେଶକୁ ପରିଷ୍କାର ରଖିବା ତଥା ସୁସ୍ଥ ଏବଂ ନିର୍ମଳ ସମାଜ ଗଠନ କରିବା ଅଭିଯାନ ରେ ଭାରତ ସରକାରଙ୍କ ଅନୁକୂଲ୍ୟରେ ଅକ୍ଟୋବର ମାସରେ ସ୍ୱଚ୍ଛଭାରତ ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମମାନ କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ



ଅନ୍ତର୍ଗତ ଚାଷୀଭାଇ ଓ ଭଉଣୀ ଏବଂ ବିଦ୍ୟାଳୟର ଛାତ୍ରମାନଙ୍କୁ ସଚେତନ କରାଇବା ସହିତ ଜୈବିକ ପ୍ରଣାଳୀର କିପରି ବର୍ଯ୍ୟବସ୍ତୁଗୁଡ଼ିକର ପୁନଃ ବ୍ୟହବାର କରା ଯାଇପାରିବ ତାହା ସମ୍ବନ୍ଧରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ତରଫରୁ ୧୨-୧୩.୧୦.୨୦୨୨ରିଖ



ଦିନ କେନ୍ଦ୍ର ପରିସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ କର୍ମଚାରୀ ଏବଂ ଚାଷୀଭାଇମାନଙ୍କୁ ନେଇ କେନ୍ଦ୍ରରେ ଥିବା ବିଭିନ୍ନ ପଦର୍ଶନ ୟୁନିଟ୍ ଗୁଡ଼ିକର ସଫାସୁତରା ସହିତ କାର୍ଯ୍ୟାଳୟ ପରିସରକୁ ମଧ୍ୟ ସଫା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟିକୁ କେନ୍ଦ୍ରର କ୍ଷେତ୍ର ପରିଚାଳକ, ଶ୍ରୀଯୁକ୍ତ ଦେବାଶିଷ ନାୟକ ସୂଚରୁରୂପେ ପରିଚାଳନା କରିଥିଲେ । ନୟାଗଡ଼ ଜିଲ୍ଲାର ନୂଆଗାଁ ଅନ୍ତର୍ଗତ ଡ଼ିମିରିପଲ୍ଲୀ ଗ୍ରାମରେ ଗତ ତା ୧୪.୧୦.୨୦୨୨ ରିଖରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଉକ୍ତ ଗ୍ରାମର ୩୦ଜଣ ଅଗ୍ରଣୀ ଚାଷୀଭାଇ ଓ ଭଉଣୀମାନଙ୍କୁ ଏକତ୍ରିତ କରି ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୃତ୍ତିକାର ସ୍ୱାସ୍ଥ୍ୟରକ୍ଷା କରିବା ସହିତ ମାଟିର ଉର୍ବରତା ବଢାଇବା ପାଇଁ କିପରି ବର୍ଯ୍ୟବସ୍ତୁର ବିଘଟକରୁ ଦ୍ରବ୍ୟ ପ୍ରସ୍ତୁତି କରିବା ସମ୍ବନ୍ଧରେ ଆଲୋଚନା




କରିଥିଲେ । ଏହାକୁ କୃଷି କ୍ଷେତ୍ରରେ ବିନିଯୋଗ କଲେ କୃଷି ସମ୍ପଦର ବୃଦ୍ଧି ସହିତ ଆମ ସ୍ୱାସ୍ଥ୍ୟର କିପରି ବୃଦ୍ଧିରେ ସହାୟକ ହୋଇପାରିବ ତା ସମ୍ବନ୍ଧରେ କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ଇଂ. ସୁଚିସ୍ମିତା ଦ୍ୱିବେଦୀ, କୃଷି ଯାନ୍ତ୍ରୀ କରଣ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇଥିଲେ । ଉକ୍ତ ଗ୍ରାମର ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୦ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରମାନଙ୍କୁ ନେଇ କେନ୍ଦ୍ରର କାର୍ଯ୍ୟକ୍ରମ ସହକାରୀ ଶ୍ରୀମତୀ ରୋଜାଲିନ ପ୍ରହରାଜ ସୁସ୍ଥ

ରହିବା ସହିତ ନିଜର ପାରିପାର୍ଶ୍ୱ ପରିବେଶକୁ କିପରି ସୁସ୍ଥରଖିବାର ସମ୍ବନ୍ଧରେ ଛାତ୍ରମାନଙ୍କୁ ଅବଗତ କରାଇବା ସହିତ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଫୁଲବଗିଚା, ପନିପରିବା ବଗିଚା ଏବଂ ରାସ୍ତାଗୁଡ଼ିକରେ ସଫା କାର୍ଯ୍ୟ ସମସ୍ତ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିଲା । ଗତ ତା ୧୮.୧୦.୨୦୨୨ ରିଖ ଦିନ ଗଣିଆ ବ୍ଲକସ୍ଥିତ କେନ୍ଦୁପଲ୍ଲୀ ଗ୍ରାମରେ ୩୦ ଜଣ ଋଷୀ ଭଉଣୀମାନଙ୍କୁ ନେଇ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳାମାନେ ଯୋଗଦେଇ ଉକ୍ତ ଗ୍ରାମର ରାସ୍ତା, ନଳକୂପର ପାରପାର୍ଶ୍ୱ ଏବଂ ମନ୍ଦିର ପରିସରର ସଫା କରାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତୀ ଗୀତାଞ୍ଜଳୀ ସବୁଦ୍ଧି ସୁସ୍ଥ ପରିବେଶ ଗଠନ ସମ୍ବନ୍ଧରେ ଅବଗତ କରାଇବା ସହିତ ଉକ୍ତ କାର୍ଯ୍ୟକ୍ରମଟିକୁ ସୁରୁରୂପେ ପରିଚାଳନା କରିଥିଲେ । ସ୍ୱଚ୍ଛଭାରତ କାର୍ଯ୍ୟକ୍ରମଗୁଡ଼ିକ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼.ଃ ଅନିଲ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ସୁରୁରୂପେ ସମ୍ପାଦନ କରାଯାଇଥିଲା ।




## ଜଳବାୟୁ ସହନଶୀଳ ପ୍ରକଳ୍ପର କର୍ମଶାଳା

ନୟାଗଡ଼ ଜିଲ୍ଲାରେ ଉନ୍ନତ ପ୍ରଣାଳୀରେ ଧାନ, ପନିପରିବା ଏବଂ ଛତୁଚାଷ କରିବା ନିମନ୍ତେ ନରୱେ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ପରିପ୍ରେକ୍ଷୀରେ ଏସବୁ ଅର୍ଥକାରୀ ଫସଲ ବହୁଳ ଭାବେ ଚାଷ କରି କୃଷକମାନେ କିଭଳି ଲାଭବାନ ହୋଇପାରିବେ ସେନେଇ ସମ୍ପୃକ୍ତ ନରୱେ ସରକାର ଗୁରୁତ୍ୱାରୋପ କରିଛନ୍ତି । ରେଜିଲେନ୍ସ ପ୍ରକଳ୍ପ ଦ୍ୱାରା କାର୍ଯ୍ୟକାରୀ ଏହି ଯୋଜନାକୁ ଏଠାରେ ସର୍ବୋତ୍ତମ ଭାବେ ସଫଳ କରିବା ପାଇଁ ଏମ୍.ଏସ୍. ସ୍ୱାମିନାଥନ ଫାଉଣ୍ଡେସନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କଟକଠାରେ ଥିବା କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରେ ଏବଂ ଶ୍ରୀଲଙ୍କାର ଇଣ୍ଟରନାସନାଲ ୱାଟର ମ୍ୟାନେଜମେଣ୍ଟ ସଂସ୍ଥା ସଂଯୋଗ ମଧ୍ୟ କରିଆସୁଛି । ଉଲ୍ଲେଖଯୋଗ୍ୟ ଯେ ନରୱେ ସରକାରଙ୍କ ଏହି ପ୍ରକଳ୍ପ ନୟାଗଡ଼ କୃଷିବିଜ୍ଞାନ କନ୍ଦ୍ରେ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଛି । ପାଳଛତୁ ଯେଭଳି ବର୍ଷସାରା କରାଯିବ ସେ ସମ୍ପର୍କରେ ଚାଷୀଙ୍କୁ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଛି । ଏଥିପାଇଁ ପଲିହାଉସ ନିର୍ମାଣ କରାଯାଇ ସମ୍ପୃକ୍ତ ଚାଷୀଙ୍କୁ ଉତ୍ସାହିତ କରାଯାଉଛି । ସେହିଭଳି ଢିପ ଜମିରେ ସଫଳତା ପୂର୍ବକ ବିଭିନ୍ନ କିସମର ପନିପରିବା କରାଯାଇପାରିବ ସେ ସମ୍ପର୍କରେ ଓଡ଼ଗାଁ ବ୍ଲକ କାନକଟା ଗ୍ରାମର ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଚାରା ଉତ୍ପାଦନ ନିମନ୍ତେ ନର୍ସରୀ ପ୍ରତିଷ୍ଠା କରାଯାଉଛି । ଅନ୍ୟପକ୍ଷରେ ପାରମ୍ପାରିକ ପଦ୍ଧତିରେ ଧାନ ନବୁଣି ଯନ୍ତ୍ର ଦ୍ୱାରା କିପରି ଧାନ ରୁଆଯିବ ସେ ସର୍ମ୍ପକରେ ଚାଷୀଙ୍କୁ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯାଉଛି । ଏଥିପାଇଁ ପଲିହାଉସ ନିର୍ମାଣ କରାଯାଇ ସମ୍ପୃକ୍ତ ଚାଷୀଙ୍କୁ ଉତ୍ସାହିତ କରାଯାଉଛି । ସେହିଭଳି ଢିପ ଜମିରେ ସଫଳତା ପୂର୍ବକ ବିଭିନ୍ନ କିସମର ପନିପରିବା କରାଯାଇପାରିବ ସେ ସମ୍ପର୍କରେ ଓଡ଼ଗାଁ ବ୍ଲକ କାନକଟା ଗ୍ରାମର ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଚାରା ଉତ୍ପାଦନ ନିମନ୍ତେ ନର୍ସରି ପ୍ରତିଷ୍ଠା କରାଯାଉଛି । ଅନ୍ୟପକ୍ଷରେ ପାରମ୍ପାରିକ ପଦ୍ଧତିରେ ଧାନ ନବୁଣି ଯନ୍ତ୍ରଦ୍ୱାରା କିପରି ଧାନ ରୁଆଯିବ ସେ ସର୍ମ୍ପକରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତର ଉଦୟପୁର ଗ୍ରାମର ଚାଷୀଙ୍କୁ ଧାନଚାଷ କରିବା ପାଇଁ ଉତ୍ସାହିତ କରାଯଉଛି । ରେଜିଲେନ୍ସ ପ୍ରକଳ୍ପ ଏହି ଗ୍ରାମରେ କିଭଳି କାଯ୍ୟକାରୀ ହେଉଛି ସେ ସମ୍ପର୍କରେ ନରୱେଜିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ବାୟୋଇକୋନିମି ରିସର୍ଚ୍ଚର ନିର୍ଦ୍ଦେଶକ ଡ଼ଃ.




ଉଦୟନାଥ ନାଗଥ, ଏମ୍.ଏସ୍ ସ୍ୱାମୀନାଥନ୍ ଫାଉଣ୍ଡେସନର ମୁଖ୍ୟ ବୈଜ୍ଞାନିକ ଡ଼ଃ. ଆର୍. ରାଜକୁମାର, ଆଇଡବ୍ଲୁଏମଆଇ ବୈଜ୍ଞାନିକ ସ୍ମରଣିକା ମହାପାତ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ନିର୍ଦ୍ଦେଶଳାୟ ଅଧକ୍ଷ ତଥା ଏହି ପ୍ରକଳ୍ପର ପ୍ରିନ୍ସିପାଲ ଇନଭେଷ୍ଟିଗେଟର ଡ଼ଃ. ପ୍ରସନ୍ନଜିତ୍ ମିଶ୍ର ପ୍ରତ୍ୟେକ୍ଷ ଅନୁଧାନ କରିଥିଲେ ।

## କଣ୍ଟେଇମୁଣ୍ଡି ବାଇଗଣକୁ ଭୌଗୋଳିକ ମାନ୍ୟତା

ନୟାଗଡ଼  କଣ୍ଟେଇମୁଣ୍ଡି ବାଇଗଣକୁ ଭୌଗଳିକ ମାନ୍ୟତା ଦେବାପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରୟାସ କରାଯାଇଛି । ଏ ନେଇ ଚେନାଇର ରେଜିଷ୍ଟ୍ରି ଅଫ୍  ଜିଓଗ୍ରାଫିକାଲ୍ ଇଣ୍ଡିକେଶନ ନିକଟରେ ଅବେଦନ କରଯାଇଥିବା ବେଳେ ସଂସ୍ଥା ମଧ୍ୟ ଆବେଦନକୁ ଗ୍ରହଣ କରିଛି ।ଏହି ବାଇଗଣ ଅନ୍ୟବାଇଗଣ ଠାରୁ କିଛି ସ୍ୱତନ୍ତ୍ର ଏହାର ପତ୍ରରୁ ନେଇ



ଗଛସାରା କଣ୍ଟାରେ ଭର୍ତ୍ତି । ବାଇଗଣ ଗୁଡ଼ିକ ଆକାରରେ ଛୋଟ ହୋଇଥିଲେ ବି ଏହା ଅନ୍ୟ ବାଇଗଣ ଅପେକ୍ଷା ସ୍ୱାଦିଷ୍ଟ । ନୟାଗଡ଼ର କଣ୍ଟିଲୋ ଓ ବଡ଼ବାଣପୁର ଅଞ୍ଚଳର ନଦୀପଠା ସ୍ଥାନ ଗୁଡ଼ିକରେ  ବହୁଳ ଭାବରେ ଚାଷ କରାଯାଇଥାଏ ।

## ଆର୍ୟାର  ଜିଲ୍ଲା ସ୍ତରୀୟ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ପରିସରରେ ଆର୍ୟାର ଜିଲ୍ଲାରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷି କ୍ଷେତ୍ରରେ ବେକାର ଯୁବକ ଯୁବତୀ ମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ଅଭିପ୍ରାୟରେ ବିଭିନ୍ନ ଶିଳ୍ପ ଭିତ୍ତିକ  ଧନ୍ଦା ମୂଳକ କାର୍ଯ୍ୟକ୍ରମ ଯଥା ମତ୍ସ୍ୟ ପାଳନ, କୁକୁଡ଼ା ପାଳନ, ଛତୁ ବିହନ ଉତ୍ପାଦନ ତଥା ଉନ୍ନତ ଚାରା ପ୍ରସ୍ତୁତି ଆଦି ଆକୃଷ୍ଟ କରିବା ପାଇଁ ବିଗତ ୭ ବର୍ଷ ଧରି ଆର୍ୟାର ପ୍ରକଳ୍ପ  ଜିଲ୍ଲାରେ ସଫଳ ଭାବରେ କାର୍ଯ୍ୟକାରୀ ହେଉଅଛି । ଉକ୍ତ ସଭାରେ  ବିଗତ ବର୍ଷର କାର୍ଯ୍ୟସୂଚୀର ସଫଳତା ଆଲୋଚନା ହେବା ସହିତ ଚଳିତ ବର୍ଷର କାର୍ଯ୍ୟକ୍ରମ ଗୁଡିକର




ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହୋଇଥିଲା । ପୂର୍ବ ହିତାଧିକାରୀମାନଙ୍କୁ ସଫଳ କୃଷି ଉଦ୍ୟୋଗୀ  ବନେଇବାରେ ସହାୟ ହେଉଥିବା ଆର୍ଥିକ ସଂସ୍ଥାମାନଙ୍କ ସହିତ ଆଲୋଚନା କରାଯାଇଥିଲା । ଜିଲ୍ଲା ସ୍ତରୀୟ ସମସ୍ତ ମୁଖ୍ୟମାନେ ଆର୍ୟାର ହୀତାଧିକାରୀମାନଙ୍କୁ ପଞ୍ଜିକୃତ କରିବା ପାଇଁ କୁହା ଯାଇଥିଲା । ଏହି ଅବସରରେ ଏକ ସଫଳ ଯୁବ ମତ୍ସ୍ୟ ଚାଷି ମାନଙ୍କର ଏକ ତାଲିମ ପୁସ୍ତିକା ଏବଂ ସବୁଜ ସ୍ୱର୍ଣ୍ଣ ସମାଚାର ପତ୍ର ଉନ୍ମୋଚନ କରାଯାଇଥିଲା ।

**ପ୍ରକାଶକ**

ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ  ବୈଜ୍ଞାନିକ ଓ ମୁଖ୍ୟ

**ବୈଷୟିକ ସହାୟତା**

ଗୀତାଞ୍ଜଳୀ ସୁବୁଦ୍ଧି, ଲତା ମଲ୍ଲିକ,
ମଧୁମିତା ଜେନା, ସୁଚିସ୍ମିତା ଦ୍ୱିବେଦୀ,
ସ୍ନିଗ୍ଧା ପଟ୍ଟନାୟକ, ଦେବାଶିଷ ନାୟକ,
ରୋଜାଲିନ ପ୍ରହରାଜ



**ଯୋଗାଯୋଗ ଠିକଣା**

**କୃଷି ବିଜ୍ଞାନ କେନ୍ଦ୍ର**
ଗ୍ରାମ - ପାଣିପଇଲା, ପୋଷ୍ଟ- ବାଲୁଗାଁ,
ଜିଲ୍ଲା -ନୟାଗଡ, ଫୋନ - 9439024040
EMAIL kvknayagarh.ouat@gmail.com